ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଭୂଲିଆ ଭାଷାର କାଳ : ଏକ ଭାଷାତାତ୍ତ୍ୱିକ ଅନୁଶୀଳନ

## ଡ. ନୀଳମଣି ମେହେର

ଭାଷା ହେଉଛି ମାନବ ଜାତିର ଏକ ବିଶିଷ୍ଟ ଉଦ୍ଭାବନ ଯାହା ତା'କୁ ଇତର ପ୍ରାଣୀଙ୍କ ଠାରୁ ସ୍ୱତନ୍ତ୍ରସ୍ଥାନ ପ୍ରଦାନ କରିଛି । ଭାଷା ସମୟ ଅନୁସାରେ ପରିବର୍ତ୍ତିତ ହେବା ସହିତ ସ୍ଥାନ ଓ ପାତ୍ର ବା ଜାତି ଅନୁସାରେ ମଧ୍ୟ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଥାଏ । ତେଣୁ ୨୦୧୧ ଜନଗଣନା ଅନୁସାରେ ଜଣାଯାଇଥାଏ ଯେ ଭାରତରେ ସମୁଦାୟ ୧୯୫୬୯ଟି କଥିତ ଭାଷା ରହିଥିବା ବେଳେ ସେଥି ମଧ୍ୟରୁ ୧୩୬୯ଟି ଭାଷାକୁ ଭାଷା ବିଜ୍ଞାନ ଅନୁସାରେ ବିଚାର କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି । ଏହି କଥିତ ଭାଷାମାନଙ୍କ ମଧ୍ୟରୁ ଭୂଲିଆ ଭାଷା ଅନ୍ୟତମ । ଓଡ଼ିଶାର ପଶ୍ଚିମାଂଚଳ ବିଶେଷତଃ ବଲାଙ୍ଗିର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ସୋନପୁର, ନୂଆପଡା, କଳାହାଣ୍ଡି, ବୌଦ୍ଧ ଜିଲ୍ଲା ବ୍ୟତୀତ ନାଗପୁର ଏବଂ ଛତିଶଗଡ ଅଂଚଳର କେତେକ ସ୍ଥାନରେ ବସବାସ କରୁଥିବା ଭୂଲିଆ ଜାତିର ଲୋକ ଏହି ଭାଷାରେ କଥୋପକଥନ କରିଥାନ୍ତି । ଯଦିଓ ଏହି ଜାତିର ଲୋକମାନେ ଅନ୍ୟ ଜାତିର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ସ୍ଥାନୀୟ ଆଂଚଳିକ ଭାଷାକୁ ବ୍ୟବହାର କରିଥାନ୍ତି ମାତ୍ର ସେମାନେ ଯେତେବେଳେ ନିଜ ଜାତିର ଲୋକ ବା ସାମାଜିକ ଅନୁଷ୍ଠାନ ବା ପରିବାରରେ ନିଜ ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି, ସେତେବେଳେ ଭୂଲିଆ ଭାଷାରେହିଁ କଥାବାର୍ତା କରିଥାନ୍ତି । ଏହି ଭାଷା ଅପର ସଗୋତ୍ରୀୟ ବିଶେଷକରି ହିନ୍ଦୀ, ଓଡ଼ିଆ ଏବଂ କୋଶଲୀ ଭାଷାଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ । ତେଣୁ ସମାଲୋଚକ ଉପେନ୍ଦ୍ର ପ୍ରସାଦ ଦଳାଇ କୁହନ୍ତି – "ଭୂଲିଆ, ଛତିଶଗଡୀ ହିନ୍ଦୀର ଏକ ବୋଲି ରୂପେ କେହି କେହି ଗ୍ରହଣ କରିଥାନ୍ତି । କିନ୍ତୁ ଓଡ଼ିଆ ସହ ଏହାର ମଧ୍ୟ ସମ୍ପର୍କ ରହିଛି ।"(ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ – ପୃ-୧୬୯)

ଭୂଲିଆ ଭାଷାକୁ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ଏହି ଭାଷାର ଧ୍ୱନିସ୍ତର, ଶବ୍ଦସ୍ତର, ରୂପସ୍ତର ଓ ବାକ୍ୟସ୍ତର ଆଦି ପ୍ରତ୍ୟେକ କ୍ଷେତ୍ରରେ ସ୍ୱତନ୍ତ୍ରତା ଭରିରହିଛି । କିନ୍ତୁ ଦୁଃଖର କଥା ଯେ ଏହି ଜାତିର ଲୋକଙ୍କ ଭାଷା ପ୍ରତି ଅବହେଳା ଯୋଗୁଁ ଦିନକୁ ଦିନ ଭାଷା ବିଲୁପ୍ତ ହେବାକୁ ଯାଉଛି । ଏଠାରେ ଏହି ଭାଷାର ସମସ୍ତ ଦିଗ ଉପରେ ଆଲୋଚନା ନ କରି କେବଳ କ୍ରିୟା ପ୍ରକରଣ ଉପରେ ଆଲୋଚନା କରାଯାଇଛି ।

ଭୂଲିଆ ଭାଷା ବିଷୟରେ ଆଲୋଚନା କରିବାବେଳେ ସର୍ବପ୍ରଥମେ ଆମେ ସେହି ଭାଷାର କ୍ରିୟାପ୍ରକରଣ ବା କ୍ରିୟାରୂପରେ ରହିଥିବା ସ୍ୱାତନ୍ତ୍ର୍ୟକୁ ଦେଖିବାକୁ ପାଇବା । ଆମେ ଜାଣିଛୁ ଯେ କ୍ରିୟା ବା କାର୍ଯ୍ୟର ସମୟସୂଚକ ରୂପ ବା ଯେଉଁ ସମୟରେ କ୍ରିୟା କାର୍ଯ୍ୟରେ ପରିଣତ ହୋଇଥାଏ, ତାହାକୁ କ୍ରିୟାର କାଳ କୁହାଯାଏ । କ୍ରିୟା ପଦର ମୂଳରୂପ ହେଉଛି ଧାତୁ । ଏହି ଧାତୁ ବା ପ୍ରକୃତି ସହିତ ବିଭିନ୍ନ ଅର୍ଥରେ ପ୍ରତ୍ୟୟ ଯୁକ୍ତ ହୋଇ ଭିନ୍ନଭିନ୍ନ ପ୍ରକାର ଧାତୁ ସୃଷ୍ଟି ହୋଇଥାଏ ଅର୍ଥାତ୍ ମୌଳିକ ଧାତୁ ବ୍ୟତୀତ ଧାତୁରୁ ବିବିଧ ରଚନାତ୍ମକ ପ୍ରକ୍ରିୟା ମାଧ୍ୟମରେ ଅର୍ଥାତ୍ ପ୍ରତ୍ୟୟ ଯୋଗ, ଅନ୍ତରଙ୍ଗ ପରିବର୍ତ୍ତନ, ଅନ୍ୟ ଧାତୁର ସଂଯୋଗ ହୋଇ ଧାତୁ ବା ପ୍ରକୃତିର ସୃଷ୍ଟି ହୋଇଥାଏ । "କ୍ରିୟା ପଦ ରଚନାରେ ଦେଖାଯାଏ ଯେ କେତେକ କ୍ଷେତ୍ରରେ ମୂଳ ଧାତୁ ବା ପ୍ରକୃତି ବିଭକ୍ତି-ପ୍ରତ୍ୟୟ ସହିତ ସଂଯୁକ୍ତ ହେଲେ ସେମାନଙ୍କ ମୌଳିକ ରୂପରେ ସନ୍ଧିଗତ ପରିବର୍ତ୍ତନ ସାଧିତ ହୋଇଥାଏ ।"(ଓଡ଼ିଆ ଭାଷା ଓ ଲିପି, ପୃ-୫୩) । ଏଥିରୁ ସ୍ପଷ୍ଟ ଯେ ଯେତେବେଳେ କୌଣସି ଧାତୁରୁ ସୂକ୍ଷ୍ମତମ ଭାବର ଅଭିବ୍ୟକ୍ତି ପ୍ରକାଶିତ ହୁଏ ନାହିଁ ସେତେବେଳେ ମୂଳ ଧାତୁ ସହିତ କୌଣସି ଅର୍ଥ-ସଂପରିବର୍ତ୍ତନ ସହାୟକ ଧାତୁର ସଂଯୋଗ

କରାଯାଇ ଭାବକୁ ପ୍ରକାଶ କରାଯାଇଥାଏ । ଭୂଲିଆ ଭାଷା କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଭୂଲିଆ ଭାଷାର କ୍ରିୟା ପ୍ରକରଣରେ ଓଡ଼ିଆ ଭଳି ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ କାଳ ନାମକ ତିନୋଟି କାଳ ସହିତ ଆଭିପ୍ରାୟିକ ବା ସର୍ତ୍ତମୂଳକ, ଆଭ୍ୟାସିକ ଓ ଅନୁଜ୍ଞା ଭାବର ପୁରୁଷ ଓ ବଚନ ଅନୁସାରେ ବିବିଧ ରୂପ ରହିଛି ଅର୍ଥାତ ସମୁଦାୟ ନବେ (୯୦) ପ୍ରକାରର କାଳ ଦେଖାଯାଉଥିଲେ ହେଁ ଭବିଷ୍ୟତ କାଳ ବ୍ୟତୀତ ଅନ୍ୟ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ମଧ୍ୟରେ କୌଣସି ପ୍ରଭେଦ ନାହିଁ । କିନ୍ତୁ ଓଡ଼ିଆ ଭାଷାରେ ଯେମିତି ପ୍ରଥମ ପୁରୁଷ ବହୁବଚନ ପାଇଁ ଦୁଇଟି ରୂପ ରହିଛି ଭୂଲିଆ ଭାଷାରେ ସେପରି ନାହିଁ । 'ପଢ୍' ମୂଳଧାତୁ ବା ପ୍ରକୃତିକୁ ଉଦାହରଣ ଭାବେ ନେଇ କାଳ, ପୁରୁଷ ଓ ବଚନ ଭେଦରେ ଭୂଲିଆ ଭାଷାର କ୍ରିୟାର କାଳ କିପରି ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଥାଏ ନିମ୍ନରେ ତାହା ବିସ୍ତୃତ ଭାବରେ ଆଲୋଚନା କରାଯାଇପାରେ ।

### (କ) ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ନିୟମିତ ରୂପେ ସାଧିତ ହେଉଥିବାର ଜଣାଯାଏ, ତାହାକୁ ନିତ୍ୟ ପ୍ରବୃତ୍ତ ବା ସାମାନ୍ୟ ବର୍ତ୍ତମାନ କାଳ କୁହାଯାଏ । ନିତ୍ୟ ପ୍ରବୃତ୍ତ ବା ସାମାନ୍ୟ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ଉଭୟରେ ଧାତୁ ସହିତ 'ଥିଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟ ବଚନରେ ଧାତୁ ସହିତ 'ଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଥେ' ଓ ବହୁବଚନରେ 'ଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ +ଥିଁ )ମୁଇଁ ପଢ଼ିଥିଁ | (ଧାତୁ +ଥିଁ) ଆମହିଁ ପଢ଼ିଥିଁ |
| ଦ୍ୱିତୀୟ ପୁରୁଷ-(ଧାତୁ+ଥ)ତମହିଁ ପଢ଼ିଥ | (ଧାତୁ+ଥ) ତମହିଁମାନେ ପଢ଼ିଥ |
| ତୃତୀୟ ପୁରୁଷ-(ଧାତୁ+ଥେ) ଉଓ ପଢ଼ିଥେ | (ଧାତୁ+ଥେନ)ଉମାନେ ପଢ଼ିଥେନ୍ |

### (ଖ) ଅସମ୍ପନ୍ନ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଶେଷ ନହୋଇ ବର୍ତ୍ତମାନ ସମୟରେ ଚାଲୁଥିବାର ଜଣାଯାଏ, ତାହାକୁ ଅସମ୍ପନ୍ନ ବା ବିଶୁଦ୍ଧ ବର୍ତ୍ତମାନ କାଳ କୁହାଯାଏ । ଅସମ୍ପନ୍ନ ବା ବିଶୁଦ୍ଧ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନରେ ଧାତୁ ସହିତ 'ତହଁ 'ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ତହ' ଓ ବହୁବଚନ 'ତହଁ 'ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ତେହେ' ଓ ବହୁବଚନରେ 'ତେହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ+ତହଁ)ମୁଇଁ ପଢ଼ତହଁ | (ଧାତୁ+ତହଁ)ଆମହିଁ ପଢ଼ତହଁ |
| ଦ୍ୱିତୀୟ ପୁରୁଷ-(ଧାତୁ+ତହ)ତମହିଁ ପଢ଼ତହ | (ଧାତୁ+ତହଁ)ତମହିଁମାନେ ପଢ଼ତହ |
| ତୃତୀୟପୁରୁଷ-(ଧାତୁ+ତେହେ)ଉଓ ପଢ଼ତେହେ | (ଧାତୁ + ତେହେନ୍)ଉମାନେ ପଢ଼ତେହେନ୍ |

### (ଗ) ସମ୍ପନ୍ନ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ନିକଟରେ ଶେଷ ହୋଇଥିବାର ଜଣାଯାଏ, ତାହାକୁ ସମ୍ପନ୍ନ ବର୍ତ୍ତମାନ କାଳ କୁହାଯାଏ । ସମ୍ପନ୍ନ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଉଭୟ ବଚନରେ ଧାତୁ ସହିତ 'ଏନେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟ ବଚନରେ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ହ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନର ଧାତୁରେ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ସନେ' ଏବଂ ବହୁବଚନରେ 'ନନେ' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ+ଏନେଁ)ମୁଇଁ ପଢ଼େନେଁ | (ଧାତୁ+ଏନେଁ)ଆମହିଁ ପଢ଼େନେଁ |
| ଦ୍ୱିତୀୟ ପୁରୁଷ- (ଧାତୁ+ଇ+ହ)ତମହିଁ ପଢ଼ିହ | (ଧାତୁ+ଇ+ହ)ତମହିଁମାନେ ପଢ଼ିହ |
| ତୃତୀୟ ପୁରୁଷ-(ଧାତୁ+ଇ+ସନେ)ଉଓ ପଢ଼ିସ୍‌ନେ | (ଧାତୁ+ ଇ+ନନେ)ଉମାନେ ପଢ଼ିନ୍‌ନେ |

### (ଘ) ସାମାନ୍ୟ ବା ନିତ୍ୟ ଅତୀତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ବର୍ତ୍ତମାନ କାଳର ପୂର୍ବରୁ ବା ଅଳ୍ପ ସମୟ ପୂର୍ବରୁ ସମ୍ପନ୍ନ ହୋଇଥିବାର ଜଣାଯାଏ, ତାହାକୁ ସାମାନ୍ୟ ଅତୀତ ବା ନିତ୍ୟ ଅତୀତ କାଳ କୁହାଯାଏ । ସାମାନ୍ୟ ଅତୀତ ବା ନିତ୍ୟ ଅତୀତ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ଉଭୟ ପାଇଁ ଧାତୁ ସହିତ 'ଏଁ 'ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଏସ୍ 'ଓ ବହୁବଚନରେ 'ଏ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଇସ୍' ଓ ବହୁବଚନରେ 'ଇନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା-

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ+ଏଁ)ମୁଇଁ ପଢ଼େଁ | (ଧାତୁ+ଏଁ)ଆମହିଁ ପଢ଼େଁ |
| ଦ୍ୱିତୀୟ ପୁରୁଷ-(ଧାତୁ + ଏସ୍)ତମହିଁ ପଢ଼େସ୍ | (ଧାତୁ+ଏ)ତମହିଁମାନେ ପଢ଼େ |

ତୃତୀୟ ପୁରୁଷ- (ଧାତୁ+ଇସ୍)ଊଓ ପଢ଼ିସ୍ (ଧାତୁ+ଇନ୍)ଊମାନେ ପଢ଼ିନ୍

## (ଙ) ଅସମ୍ପନ୍ନ ଅତୀତ :

ଯେଉଁ କ୍ରିୟାପଦର ପ୍ରୟୋଗ ଦ୍ୱାରା କାର୍ଯ୍ୟଟି ଅତୀତ କାଳର ହେଲେ ମଧ୍ୟ କାର୍ଯ୍ୟ ଚାଲୁଥିବାର ବା ଅସମ୍ପନ୍ନ ବୋଲି କୁହାଯାଏ, ତାହାକୁ ଅସମ୍ପନ୍ନ ଅତୀତ କାଳ କୁହାଯାଏ । ଅସମ୍ପନ୍ନ ଅତୀତ କାଳର ପ୍ରଥମ ପୁରୁଷର ଉଭୟବଚନ ପାଇଁ ଧାତୁ ସହିତ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ଏବଂ '଼ତର୍‌ହେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ '଼ତର୍‌ହେସ୍' ଓ ବହୁବଚନ ପାଇଁ '଼ତର୍‌ହେ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟରେ ଧାତୁ ସହିତ୍ 'ତର୍‌ହିସ୍' ଓ ବହୁବଚନ ପାଇଁ 'ତର୍‌ହିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

**ଏକବଚନ** **ବହୁବଚନ**

ପ୍ରଥମ ପୁରୁଷ- (ଧାତୁ+ଉ+ତର୍‌ହେଁ)ମୁଇଁ ପଢୁତରହେଁ (ଧାତୁ +ଉ+ତର୍‌ହେଁ) ଆମ୍ହିଁ ପଢୁତରହେଁ

ଦ୍ୱିତୀୟପୁରୁଷ-(ଧାତୁ+ଉ+ତର୍‌ହେସ୍)ତମ୍ହିଁ ପଢୁତର୍‌ହେସ୍ (ଧାତୁ +ଉ+ତର୍‌ହେ) ତମ୍ହିଁମାନେ ପଢୁତର୍‌ହେ

ତୃତୀୟ ପୁରୁଷ- (ଧାତୁ+ଉ+ତର୍‌ହିସ୍)ଊଓ ପଢୁତର୍‌ହିସ୍ (ଧାତୁ+ଉ+ତର୍‌ହିନ୍) ଊମାନେ ପଢୁତରହିନ୍

## (ଚ) ସମ୍ପନ୍ନ ଅତୀତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଅତୀତରେ ସମାପ୍ତ ହୋଇଥିବାର ଜଣାଯାଏ, ତାହାକୁ ସମ୍ପନ୍ନ ଅତୀତ କାଳ କୁହାଯାଏ । ସମ୍ପନ୍ନ ଅତୀତ କାଳର ପ୍ରଥମ ପୁରୁଷର ଉଭୟବଚନରେ ଧାତୁ ସହିତ 'ରେହେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟବଚନରେ ଧାତୁ ସହିତ ପ୍ରତ୍ୟୟ 'ରେହେସ୍' ଏବଂ ତୃତୀୟ ପୁରୁଷର ଏକବଚନ ଏକବଚନ ପାଇଁ ଧାତୁ ସହିତ 'ରେହିସ୍' ଓ ବହୁବଚନ ପାଇଁ 'ରେହିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ ।

**ଏକବଚନ** **ବହୁବଚନ**

ପ୍ରଥମ ପୁରୁଷ (ଧାତୁ+ରେହେଁ)ମୁଇଁ ପଏଢ଼୍‌ରେହେଁ (ଧାତୁ+ରେହେଁ) ଆମ୍ହିଁ ପଏଢ଼୍‌ରେହେଁ

ଦ୍ୱିତୀୟ ପୁରୁଷ-(ଧାତୁ+ରେହେସ୍)ତମ୍ହିଁ ପଏଢ଼୍‌ରେହେସ୍ (ଧାତୁ+ରେହେସ୍) ତମ୍ହିଁମାନେ ପଏଢ଼୍‌ରେହେସ୍

ତୃତୀୟ ପୁରୁଷ- (ଧାତୁ+ରେହିସ୍)ଊଓ ପଏଢ଼୍‌ରେହିସ୍ (ଧାତୁ+ରେହିନ୍) ଊମାନେ ପଏଢ଼୍‌ରେହିନ୍

## (ଛ) ସାମାନ୍ୟ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଘଟିବ ବୋଲି ଜଣାଯାଏ, ତାହାକୁ ସାମାନ୍ୟ ଭବିଷ୍ୟତ କାଳ କୁହାଯାଏ । ସାମାନ୍ୟ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ହୁଁ' ଓ ବହୁବଚନ ପାଇଁ 'ମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ଓ' ପ୍ରତ୍ୟୟ, ବହୁବଚନ ପାଇଁ 'ବିସର୍ଗ' ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ବିସର୍ଗ' ଏବଂ ବହୁବଚନରେ 'ଏନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

**ଏକବଚନ** **ବହୁବଚନ**

ପ୍ରଥମ ପୁରୁଷ-(ଧାତୁ+ହୁଁ)ମୁଇଁ ପଢ଼ୁହୁଁ (ଧାତୁ +ମ)ଆମ୍ହିଁ ପଢ଼ୁମ

ଦ୍ୱିତୀୟ ପୁରୁଷ-(ଧାତୁ+ସ)ତମ୍ହିଁ ପଢ଼ୁସ (ଧାତୁ+ଃ)ତମ୍ହିଁମାନେ ପଢ଼ୁଃ

ତୃତୀୟ ପୁରୁଷ-(ଧାତୁ+ଏ+ଃ)ଊଓ ପଢ଼େଃ (ଧାତୁ+ଏନ୍)ଊମାନେ ପଢ଼େନ୍

## (ଜ) ଅସମ୍ପନ୍ନ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଚାଲୁଥିବା ବା ଅସମ୍ପନ୍ନ ଥିବବୋଲି ଜଣାଯାଏ, ତାହାକୁ ଅସମ୍ପନ୍ନ ଭବିଷ୍ୟତ କାଳ କୁହାଯାଏ । ଅସମ୍ପନ୍ନ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ '଼ତର୍‌ହୁଁ' ଓ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ଥିମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍‌ହସ୍' ଓ ବହୁବଚନରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ 'ତର୍‌ହ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍‌ହେ' ଏବଂ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍‌ହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

**ଏକବଚନ** **ବହୁବଚନ**

ପ୍ରଥମ ପୁରୁଷ- (ଧାତୁ+ଉ+ତର୍‌ହୁଁ)ମୁଇଁ ପଢୁତର୍‌ହୁଁ (ଧାତୁ +ଉ+ଥିମ) ଆମ୍ହିଁ ପଢୁଥିମ

ଦ୍ୱିତୀୟ ପୁରୁଷ-(ଧାତୁ+ଉ+ତର୍‌ହସ୍)ତମ୍ହିଁ ପଢୁତର୍‌ହସ୍ (ଧାତୁ +ଉ+ତର୍‌ହ) ତମ୍ହିଁମାନେ ପଢୁତର୍‌ହ

ତୃତୀୟପୁରୁଷ-(ଧାତୁ+ଉ+ତର୍‌ହେ)ଊଓ ପଢୁତର୍‌ହେ (ଧାତୁ+ଉ+ତର୍‌ହେନ୍) ଊମାନେ ପଢୁତର୍‌ହେନ୍

## (ଝ) ସମ୍ପନ୍ନ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଶେଷ ହୋଇଥିବାର ସୂଚନା ମିଳେ, ତାକୁ ସମ୍ପନ୍ନ ଭବିଷ୍ୟତ କାଳ କୁହାଯାଏ । ସମ୍ପନ୍ନ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁରେ 'ରହୁଁ' ପ୍ରତ୍ୟୟ ଓ ବହୁବଚନରେ ଧାତୁ ସହିତ 'ରମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ରହ' ଓ ବହୁବଚନ ପାଇଁ ଧାତୁରେ 'ରହଁ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ'ରେହେ' ଓ ବହୁବଚନ ପାଇଁ ଧାତୁରେ 'ରେହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ +ଥଁ )ମୁଇଁ ପଢ଼୍ଥଁ | (ଧାତୁ +ଥଁ) ଆମ୍ହି ପଢ଼୍ଥଁ |
| ପ୍ରଥମପୁରୁଷ-(ଧାତୁ+ରହୁଁ)ମୁଇଁ ପଏଢ଼୍ରହୁଁ | (ଧାତୁ+ରମ)ଆମ୍ହି ପଏଢ଼୍ରମ |
| ଦ୍ୱିତୀୟପୁରୁଷ- (ଧାତୁ+ରହ)ତମ୍ହିଁ ପଏଢ଼୍ରହ | (ଧାତୁ+ରହଁ)ତମ୍ହିଁମାନେ ପଏଢ଼୍ରହଁ |
| ତୃତୀୟପୁରୁଷ-(ଧାତୁ+ରେହେ)ଉଓ ପଏଢ଼୍ରେହେ | (ଧାତୁ+ରେହେନ୍) ଉମାନେ ପଏଢ଼୍ରେହେନ୍ |

## (ଞ) ସାମାନ୍ୟ ଆଭିପ୍ରାୟିକ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଘଟିବାର ସମ୍ଭାବନା ରଖିଥାଏ, ତାହାକୁ ସାମାନ୍ୟ ସର୍ତମୂଳକ ବା ଆଭିପ୍ରାୟିକ କାଳ କୁହାଯାଏ । ସାମାନ୍ୟ ସର୍ତମୂଳକ ବା ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଉଭୟ ବଚନର ଧାତୁ ସହିତ 'ତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନର ଧାତୁରେ 'ତସ୍' ଓ ବହୁବଚନର ଧାତୁରେ 'ଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ହେ' ଓ ବହୁବଚନ ପାଇଁ ଧାତୁରେ 'ଏନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ +ଥଁ )ମୁଇଁ ପଢ଼୍ଥଁ | (ଧାତୁ +ଥଁ) ଆମ୍ହି ପଢ଼୍ଥଁ |
| ପ୍ରଥମପୁରୁଷ- (ଧାତୁ+ତଁ)ମୁଇଁ ପଢ଼୍ତଁ | (ଧାତୁ + ତଁ)-ଆମ୍ହି ପଢ଼୍ତଁ |
| ଦ୍ୱିତୀୟପୁରୁଷ-(ଧାତୁ+ତସ୍)ତମ୍ହିଁ ପଢ଼୍ତସ୍ | (ଧାତୁ+ଥ)ତମ୍ହିଁମାନେ ପଢ଼ଥ |
| ତୃତୀୟ ପୁରୁଷ-(ଧାତୁ +ହେ)ଉଓ ପଢ୍ହେ | (ଧାତୁ+ଏନ୍)ଉମାନେ ପଢ଼େନ୍ |

## (ଟ) ଅସମ୍ପନ୍ନ ଆଭିପ୍ରାୟିକ :

ଯେଉଁ କ୍ରିୟା ପଦର ସହାୟତାରେ କାର୍ଯ୍ୟ ବର୍ତମାନ ହେବାର ସମ୍ଭାବନା ପ୍ରକାଶ ପାଉଥାଏ, ତାହାକୁ ଅସମ୍ପନ୍ନ ଆଭିପ୍ରାୟିକ କାଳ କୁହାଯାଏ । ଅସମ୍ପନ୍ନ ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତରତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତରତସ୍' ପ୍ରତ୍ୟୟ ଓ ବହୁବଚନ ପାଇଁ ଧାତୁରେ 'ତରତ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତରତିସ୍' ପ୍ରତ୍ୟୟ ଏବଂ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ 'ତରତିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

| ଏକବଚନ | ବହୁବଚନ |
|---|---|
| ପ୍ରଥମପୁରୁଷ-(ଧାତୁ+ଉ+ତରତଁ)ମୁଇଁ ପଢୁତରତଁ | (ଧାତୁ+ଉ+ତରତଁ) ଆମ୍ହି ପଢୁତରତଁ |
| ଦ୍ୱିତୀୟପୁରୁଷ- (ଧାତୁ+ଉ+ତରତସ୍)ତମ୍ହିଁ ପଢୁତରତସ୍ | (ଧାତୁ + ଉ+ ତରତ) ତମ୍ହିଁମାନେ ପଢୁତରତ |
| ତୃତୀୟପୁରୁଷ- (ଧାତୁ+ଉ+ତରତିସ୍)ଉଓ ପଢୁତରତିସ୍ | (ଧାତୁ+ଉ+ତରତିନ୍) ଉମାନେ ପଢୁତରତିନ୍ |

## (ଠ) ସମ୍ପନ୍ନ ଆଭିପ୍ରାୟିକ :

ଯେଉଁ କ୍ରିୟାପଦର ଯୋଗରେ କାର୍ଯ୍ୟଟି ଅତୀତ କାଳରେ ଘଟିଥିବାର ସମ୍ଭାବନା ଥିଲା ବୋଲି ଜଣାଯାଏ, ତାହାକୁ ସମ୍ପନ୍ନ ଆଭିପ୍ରାୟିକ କାଳ କୁହାଯାଏ । ସମ୍ପନ୍ନ ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଉଭୟ ବଚନ ପାଇଁ ଧାତୁ ସହିତ 'ରେତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ରେତସ୍' ଓ ବହୁବଚନରେ 'ରେତ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ରେତିସ୍' ଏବଂ ବହୁବଚନ ପାଇଁ ଧାତୁ ସହିତ 'ରେତିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

| ଏକବଚନ | ବହୁବଚନ |
|---|---|
| ପ୍ରଥମପୁରୁଷ-(ଧାତୁ+ରେତଁ)ମୁଇଁ ପଏଢ଼୍ରେତଁ | (ଧାତୁ+ରେତଁ) ଆମ୍ହି ପଏଢ଼୍ରେତଁ |
| ଦ୍ୱିତୀୟପୁରୁଷ-(ଧାତୁ+ରେତସ୍)ତମ୍ହିଁ ପଏଢ଼୍ରେତସ୍ | (ଧାତୁ+ରେତ) ତମ୍ହିଁମାନେ ପଏଢ଼ରେତ |
| ତୃତୀୟପୁରୁଷ-(ଧାତୁ+ରେତିସ୍)ଉଓ ପଏଢ଼୍ରେତିସ୍ | (ଧାତୁ+ରେତିନ୍) ଉମାନେ ପଏଢ଼୍ରେତିନ୍ |

## (ଡ) ଅସମ୍ପନ୍ନ ଆଭ୍ୟାସିକ :

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ଆଭ୍ୟାସିକ କାର୍ଯ୍ୟଟିର ଅସମ୍ପନ୍ନତା ପ୍ରକାଶ ପାଉଥାଏ, ତାହାକୁ ଅସମ୍ପନ୍ନ ଆଭ୍ୟାସିକ କାଳ କୁହାଯାଏ । ଅସମ୍ପନ୍ନ ଆଭ୍ୟାସିକ କାଳର ପ୍ରଥମ ପୁରୁଷର

ଉଭୟବଚନରେ ଧାତୁ ସହିତ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ଏବଂ 'ତରଥିଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ତରଥସ୍' ପ୍ରତ୍ୟୟ, ବହୁବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥ'ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥେ' ଓ ବହୁବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତରଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା-

| ଏକବଚନ | ବହୁବଚନ |
|---|---|
| ପ୍ରଥମପୁରୁଷ-(ଧାତୁ+ଉ+ତରଥିଁ)ମୁଇଁ ପଢୁତରଥିଁ | (ଧାତୁ+ଉ+ତରଥିଁ) ଆମ୍ହିଁ ପଢୁତରଥିଁ |
| ଦ୍ୱିତୀୟପୁରୁଷ-(ଧାତୁ+ଉ+ତରଥସ୍)ତମ୍ହିଁ ପଢୁତରଥସ୍ | (ଧାତୁ +ଉ+ତରଥ) ତମ୍ହିଁମାନେ ପଢୁତରଥ |
| ତୃତୀୟପୁରୁଷ-(ଧାତୁ+ଉ+ତରଥେ)ଉଓ ପଢୁତରଥେ | (ଧାତୁ + ଉ+ ତରଥେନ୍) ଉମାନେ ପଢୁତରଥେନ୍ |

**(ଢ) ସମ୍ପନ୍ନ ଆଭ୍ୟାସିକ :**

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ଆଭ୍ୟାସିକ କାର୍ଯ୍ୟଟିର ସମାପ୍ତି ସୂଚନା ମିଳେ, ତାହାକୁ ସମ୍ପନ୍ନ ଆଭ୍ୟାସିକ କାଳ କୁହାଯାଏ । ସମ୍ପନ୍ନ ଆଭ୍ୟାସିକ କାଳର ପ୍ରଥମ ପୁରୁଷର ଉଭୟବଚନର ଧାତୁ ସହିତ 'ଥିଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥସ୍' ପ୍ରତ୍ୟୟ, ବହୁବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥେ' ଓ ବହୁବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତରଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

| ଏକବଚନ | ବହୁବଚନ |
|---|---|
| ପ୍ରଥମ ପୁରୁଷ-(ଧାତୁ+ଥିଁ)ମୁଇଁ ପଏଢ଼ଥିଁ | (ଧାତୁ+ଥିଁ)ଆମ୍ହିଁ ପଏଢ଼ଥିଁ |
| ଦ୍ୱିତୀୟପୁରୁଷ-(ଧାତୁ+ଇ+ତରଥସ୍)ତମ୍ହିଁପଢ଼ିତରଥସ୍ | (ଧାତ+ଇ+ତରଥ) ତମ୍ହିଁମାନେ ପଢିତରଥ |
| ତୃତୀୟପୁରୁଷ-(ଧାତୁ+ଇ+ତରଥେ)ଉଓ ପଢ଼ିତରଥେ | (ଧାତୁ+ଇ+ତରଥେନ୍) ଉମାନେ ପଢିତରଥେନ୍ |

**(ଣ) ଅନୁଜ୍ଞା ବା ଆଦେଶ :**

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ସାଧାରଣଭାବରେ ଆଦେଶ ବା ଅନୁଜ୍ଞାକୁ ବୁଝାଏ, ତାହାକୁ ଆଦେଶ ବା ଅନୁଜ୍ଞା କାଳ କୁହାଯାଏ । ଆଦେଶ ବା ଅନୁଜ୍ଞା କେବଳ ଦ୍ୱିତୀୟ ଓ ତୃତୀୟ ପୁରୁଷ ପ୍ରତି ପ୍ରୟୋଗ କରାଯାଇଥାଏ । ସେହିପରି ଆଦେଶ ଦେବା କ୍ଷେତ୍ରରେ ଅତୀତ କାଳର କ୍ରିୟା ବ୍ୟବହାର କରାଯାଏ ନାହିଁ, ସେଥିପାଇଁ ଅନୁଜ୍ଞାସୂଚକ କ୍ରିୟାର କାଳ କେବଳ ବର୍ତ୍ତମାନ ଓ ଭବିଷ୍ୟତ କାଳ ହୋଇଥାଏ । ଆଦେଶ ବା ଅନୁଜ୍ଞା କାଳର ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକ' ଓ ବହୁବଚନ ପାଇଁ ଧାତୁରେ 'ପକନ୍' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକା' ଓ ବହୁବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକଉନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା-

| ଏକବଚନ | ବହୁବଚନ |
|---|---|
| ଦ୍ୱିତୀୟପୁରୁଷ-(ଧାତୁ+ପକ)ତମ୍ହିଁ ପଏଢ଼ପକ | (ଧାତୁ+ପକନ୍) ତମ୍ହିଁମାନେ ପଏଢ଼ପକନ୍ |
| ତୃତୀୟପୁରୁଷ-(ଧାତୁ+ପକା)ଉଓ ପଏଢ଼ପକା | (ଧାତୁ+ପକଉନ୍) ଉମାନେ ପଏଢ଼ପକଉନ୍ |

କୌଣସି ଭାଷାର କ୍ରିୟା ପ୍ରକରଣ ଆଲୋଚନା କଲାବେଳେ ତାହାର ନାସ୍ତିକରଣ ରୂପ ବିଚାର ମଧ୍ୟ ଅତ୍ୟନ୍ତ ଜରୁରୀ ହୋଇଥାଏ । ତେଣୁ ଭାଷାବିତ୍ ସଂତୋଷ କୁମାର ରଥ କହନ୍ତି- "ପ୍ରତ୍ୟେକ ଭାଷାତାତ୍ତ୍ୱିକ ପ୍ରକ୍ରିୟାରେ କୌଣସି ନା କୌଣସି ପ୍ରକାଶ୍ୟ ସୂଚନା ବାକ୍ୟାତ୍ମକ ଗଠନ ମ୍ନରେ ପ୍ରକାଶ ପାଇଥାଏ । ନାସ୍ତିକରଣ ଏହାର ବ÷ତିକ୍ରମ ନୁହେଁ ।"(ଅସ୍ୱୀକୃତ ପରଂପରା, ପୃ-୩୮) । ଭୂଲିଆ ଭାଷାର ନାସ୍ତିକରଣ ଉପାଦାନଟିର ଉପଲବ୍ଧି ରୂପ ହେଉଛି 'ନିଁ' । ଭୂଲିଆ ଭାଷାର ନାସ୍ତିକରଣ 'ନିଁ' ରୂପଟି ସଦାବେଳେ କ୍ରିୟା ପଦର ପୂର୍ବରୁ ଆସିଥାଏ ଠିକ୍ କୋଶଲି ବା ହିନ୍ଦୀ ଭଳି । ଯଥା-

ଆମ×ହିଁ ନିଁ ପଢ଼ତହେଁ ( ମୁଁ ପଢୁନାହିଁ)
ତମ୍ହିଁ ନିଁ ପଢ଼ିସ୍ ( ତମେ ପଢିଲ ନାହିଁ)
ଆମ୍ହିଁ ନିଁ ପଢୁତରହେଁ ( ଆମେ ପଢୁ ନଥିଲୁ)
ଉଓ ନିଁ ପଏଢ଼ରେହେ ( ସେ ପଢ଼ି ନଥିବ)

'ନିଁ' ଏକ ବଦ୍ଧରୂପ (Bound form) ହୋଇଥିବାରୁ ଅର୍ଥାତ୍ 'ନିଁ' ର ସ୍ୱାଧୀନ ସ୍ଥିତି ନ ଥିବାରୁ କେତେକ ସ୍ଥାନରେ 'ନିଁ' ସହିତ 'ନ' ଆସିଥାଏ ଏବଂ 'ନିଁନ' (ନାହିଁ) ହୋଇଥାଏ । ଯଥା- ଉଓ ଇଛେନ୍ ଘରେ ନିଁନ (ସେ ଏବେ ଘରେ ନାହିଁ) ।

ଭୂଲିଆମାନଙ୍କର ମୂଳ ବାସସ୍ଥାନ ହେଉଛି ନାଗପୁର ଓ କାଶୀ କିନ୍ତୁ ସେମାନେ ସେଠାରୁ ଓଡ଼ିଶାର ପଶ୍ଚିମାଂଚଳକୁ ଚାଲିଆସି ଏଠି ବସବାସ କରୁଛନ୍ତି । ସେଥିପାଇଁ ଭୂଲିଆ ଭାଷାରେ ହିନ୍ଦୀ, ଓଡ଼ିଆ ଓ କୋଶଳୀ ଭାଷାର ଏକ ଫେଣ୍ଟାଫେଣ୍ଟି ରୂପକୁ ଆମେ ଦେଖିବାକୁ ପାଇଥାଉ । ତିନୋଟି ଭାଷାର ମିଶ୍ରଣରେ ଏକ ନୂତନ ଭାଷା ସୃଷ୍ଟି ହୋଇଥିବାରୁ ଏହି ଭାଷାର କ୍ରିୟାର କାଳରେ ଉପରୋକ୍ତ ନୂତନତାକୁ ଦେଖିବାକୁ ପାଇଥାଉ । ଭୂଲିଆ ଭାଷାର କ୍ରିୟାର କାଳରେ କେବଳ ଭିନ୍ନତା ଦେଖାଯାଏ ନାହିଁ ଭାଷାର ପ୍ରତ୍ୟେକ ବିଭବରେ ସ୍ୱତନ୍ତ୍ରତା ପରିଦୃଷ୍ଟ ହୋଇଥାଏ ତଥାପି ମଧ୍ୟ କୌଣସି ଗବେଷକ ଆଜିପର୍ଯ୍ୟନ୍ତ ଏଭଳି ଏକ ବିଶାଳ ସଂପ୍ରଦାୟ ଦ୍ୱାରା କଥିତ ଭାଷା ବିଷୟରେ ଗବେଷଣା ପଇଁ ଆଗ୍ରହ ପ୍ରକାଶ କରିନାହାନ୍ତି, ତେଣୁ ଗୋଟିଏ ମହାନ୍ କଥିତ ଭାଷା ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବାପୂର୍ବରୁ ସେ ବିଷୟରେ ସଚେତନ ହୋଇ ଭାଷାର ସ୍ୱତନ୍ତ୍ରତାକୁ ଲୋକଲୋଚନକୁ ଆଣିବା ନିତାନ୍ତ ଆବଶ୍ୟକ ନ ହେଲେ କିଛିବର୍ଷପରେ ଭୂଲିଆ ଭାଷା ସଂପୂର୍ଣ୍ଣ ଭାବରେ ଲୋପ ପାଇଯିବ ଏହା ନିଃସନ୍ଦେହ ।

ଏହି ଭାଷାର କାଳ ବା କ୍ରିୟା ପ୍ରକରଣ ଆଲୋଚନା କଲାବେଳେ ମୁଁ ମୁଖ୍ୟତଃ ବଲାଙ୍ଗିର ଅଂଚଳକୁ ପ୍ରାଧାନ୍ୟ ଦେଇଛି । ଏହା କହିବାର କାରଣ ହେଉଛି ଅଞ୍ଚଳ ଭେଦରେ ଉଚ୍ଚାରଣ ଦୃଷ୍ଟିରୁ କେତେକ କ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଇଥାଏ । ଏହି ପ୍ରବନ୍ଧ ପ୍ରସ୍ତୁତି ସମୟରେ ଭୁଲିଆ ଭାଷାରେ କଥାବାର୍ତ୍ତା କରୁଥିବା କେତେଜଣ ବ୍ୟକ୍ତି ଏବଂ ଭାଷାବିତ୍ ଡ. ସଂତୋଷ କୁମାର ରଥଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ ନେଇଛି, ତେଣୁ ସେମାନଙ୍କ ପାଖରେ ମୁଁ ଋଣୀ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଦଳାଇ, ଉପେନ୍ଦ୍ର ପ୍ରସାଦ - ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ, ନିଉ ଏଜ୍ ପବ୍ଲିକେଶନ୍ସ, ତାରାଭବନ, ଚାନ୍ଦିନୀଚୌକ, କଟକ, ପ୍ରଥମ ସଂସ୍କରଣ, ୨୦୦୯ ।

୨) ପଟ୍ଟନାୟକ, ଦେବୀପ୍ରସନ୍ନ – ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୩ ।

୩) ମହାପାତ୍ର, ଖଗେଶ୍ୱର – ଓଡ଼ିଆ ଭାଷା ଓ ଲିପି, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ନୂତନ ସଂସ୍କରଣ, ୨୦୧୪ ।

୪) ମହାପାତ୍ର, ବିଜୟ ପ୍ରସାଦ - ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, ବିନୋଦବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୭ ।

୫) ରଥ, ସଂତୋଷ କୁମାର - ଅସ୍ୱୀକୃତ ପରଂପରା, ଅନୁରାଗ ପ୍ରକାଶନ, ବଲାଙ୍ଗିର, ପ୍ରଥମ ସଂସ୍କରଣ, ୨୦୦୭ ।



ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼